ଲିଚେଷ୍ଟାଇନ୍‌ର ମହାମହିମ ଉତ୍ତରାଧିକାରୀ ପ୍ରିନ୍ସ ଆଲୋଇସ୍‌ଙ୍କ ଭାରତକୁ ରାଜକୀୟ ଗସ୍ତ (25-28 ଅକ୍ଟୋବର 2026)

ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ, ଲିଚେଷ୍ଟାଇନ୍‌ର ମହାମହିମ ଉତ୍ତରାଧିକାରୀ ପ୍ରିନ୍ସ ଆଲୋଇସ୍ 25-28 ଅକ୍ଟୋବର 2026 ରେ ଭାରତକୁ ଏକ ରାଜକୀୟ ଗସ୍ତ କରିବେ। ତାଙ୍କ ସହିତ ତାଙ୍କର ପତ୍ନୀ ମହାମହିମ ଉତ୍ତରାଧିକାରୀ ପ୍ରିନ୍ସେସ୍ ସୋଫି ଏବଂ ପ୍ରମୁଖ ଉଦ୍ୟୋଗ ନେତୃବୃନ୍ଦ ସାମିଲ ଥିବ। ଏକ ଉଚ୍ଚ-ସ୍ତରୀୟ ଅଧିକାରୀ ତଥା ବ୍ୟବସାୟିକ ପ୍ରତିନିଧି ଦଳ ମଧ୍ୟ ଆସିବେ।

2. 2026 ରେ ପ୍ରିନ୍ସ ଆଲୋଇସ୍‌ଙ୍କର ଭାରତକୁ ଏହା ଦ୍ୱିତୀୟ ଗସ୍ତ ଅଟେ। ସେ ପୂର୍ବରୁ ଫେବୃୟାରୀ 2026 ରେ ଏଆଇ ଇମ୍ପାକ୍ଟ ସମିଟ୍‌ରେ ଯୋଗ ଦେବା ପାଇଁ ନୂଆଦିଲ୍ଲୀ ଗସ୍ତ କରିଥିଲେ। ସେ ଏହା ପୂର୍ବରୁ 2010 ଓ 2018 ରେ ଭାରତ ଗସ୍ତ କରିଥିଲେ।

3. ଏହି ଗସ୍ତ ସମୟରେ, ପ୍ରଧାନମନ୍ତ୍ରୀ ମୋଦୀ ଏବଂ ମହାମହିମ ପ୍ରିନ୍ସ ଆଲୋଇସ୍ ବାଣିଜ୍ୟ ଓ ନିବେଶ, ବିଜ୍ଞାନ, ଟେକ୍ନୋଲୋଜି ଓ ନବସୃଜନ ଏବଂ ଜନସାଧାରଣଙ୍କ ମଧ୍ୟରେ ବାର୍ତ୍ତା ବିନିମୟ ସମେତ ବିଭିନ୍ନ କ୍ଷେତ୍ରରେ ସହଯୋଗ ଉପରେ ଆଲୋଚନା କରିବା ସହିତ ଆଞ୍ଚଳିକ ଓ ବୈଶ୍ୱିକ ବିକାଶ ଉପରେ ମତ ଆଦାନପ୍ରଦାନ କରିବା ପାଇଁ ଦ୍ୱିପାକ୍ଷିକ ବୈଠକ କରିବେ।

4. ଲିଚେଷ୍ଟାଇନ୍‌ର ମହାମହିମ ଉତ୍ତରାଧିକାରୀ ପ୍ରିନ୍ସ ଆଲୋଇସ୍ ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସହିତ ସାକ୍ଷାତ କରିବେ, ସେ ତାଙ୍କ ସମ୍ମାନରେ ଏକ ଔପଚାରିକ ରାଜଭୋଜ ମଧ୍ୟ ଆୟୋଜନ କରିବେ। ଭାରତର ବିଦେଶ ମନ୍ତ୍ରୀ ଡ. ଏସ୍. ଜୟଶଙ୍କର ମଧ୍ୟ ଲିଚେଷ୍ଟାଇନ୍‌ର ମହାମହିମ ଉତ୍ତରାଧିକାରୀ ପ୍ରିନ୍ସ ଆଲୋଇସ୍‌ଙ୍କ ସହିତ ସାକ୍ଷାତ କରିବେ।

5.ଏହି ଗସ୍ତ ବିଶେଷ କରି 2025 ରେ ଭାରତ–ଇଏଫଟିଏ ବାଣିଜ୍ୟ ଏବଂ ଅର୍ଥନୈତିକ ସହଭାଗିତା ଚୁକ୍ତିନାମା କାର୍ଯ୍ୟକାରୀ ହେବା ପରଠାରୁ ଏହି ଗସ୍ତ ଭାରତ ଏବଂ ଲିଚେଷ୍ଟାଇନ୍ ମଧ୍ୟରେ ବୃଦ୍ଧି ପାଉଥିବା ସମ୍ପୃକ୍ତିକୁ ଅଧିକ ଗତି ପ୍ରଦାନ କରିବ ବୋଲି ଆଶା କରାଯାଉଛି।

6. ଏହି ଗସ୍ତ ଭାରତ ଏବଂ ଲିଚେଷ୍ଟାଇନ୍ ମଧ୍ୟରେ ଥିବା ବନ୍ଧୁତାପୂର୍ଣ୍ଣ ସମ୍ବନ୍ଧକୁ ଅଧିକ ଗଭୀର କରିବା ଏବଂ ପାରସ୍ପରିକ ହିତ ସହିତ ଜଡ଼ିତ ନୂତନ କ୍ଷେତ୍ରଗୁଡ଼ିକରେ ସହଭାଗିତା ଗଠନ କରିବା ପାଇଁ ଏକ ସୁଯୋଗ ପ୍ରଦାନ କରିବ।

ନୂଆଦିଲ୍ଲୀ

ଅକ୍ଟୋବର 24, 2026